# ଗ୍ରାମୀଣ କୃଷି ମୌସମ ସେବା
## ଭାରତ ପାଣିପାଗ ବିଭାଗ
## ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ
## ଆଞ୍ଚଳିକ ଗବେଷଣା ଓ ବୈଷୟିକ ପ୍ରସାରଣ କେନ୍ଦ୍ର,ଚିପିଲିମା

ସଂଖ୍ୟା – ୦୬ (ଓଡ଼ିଆ ବୁଲେଟିନ) ସପ୍ତାହ – ୦୩ ତାରିଖ: ୨୦.୦୧.୨୦୨୬

## ଜିଲ୍ଲା – ବରଗଡ଼

### ପର୍ଯ୍ୟବେକ୍ଷଣ କେନ୍ଦ୍ରରେ ୧୪.୦୧.୨୦୨୬ ରୁ ୨୦.୦୧.୨୦୨୬ ମଧ୍ୟରେ ରେକର୍ଡ କରାଯାଇଥିବା ସର୍ବାଧିକ ଏବଂ ସର୍ବନିମ୍ନ ତାପମାତ୍ରାଏବଂ ଜିଲ୍ଲାର ହାରାହାରି ବର୍ଷାପାତ

| | ସର୍ବାଧିକ ତାପମାତ୍ରା (ଡିଗ୍ରୀ ସେ.) | | | | | | | ସର୍ବନିମ୍ନ ତାପମାତ୍ରା (ଡିଗ୍ରୀ ସେ.) | | | | | | | ବୃଷ୍ଟିପାତ (ମିଲି ମିଟର) | | | | | | |
|---|---|---|---|---|---|---|---|---|---|---|---|---|---|---|---|---|---|---|---|---|---|
| ତାରିଖ | ୧୪ | ୧୫ | ୧୬ | ୧୭ | ୧୮ | ୧୯ | ୨୦ | ୧୪ | ୧୫ | ୧୬ | ୧୭ | ୧୮ | ୧୯ | ୨୦ | ୧୪ | ୧୫ | ୧୬ | ୧୭ | ୧୮ | ୧୯ | ୨୦ |
| ବରଗଡ଼ | 29 | 29 | 29 | 30 | 29 | 29 | 29 | 13 | 13 | 12 | 12 | 11 | 12 | 13 | 0 | 0 | 0 | 0 | 0 | 0 | 0 |

### ଆସନ୍ତା ପାଞ୍ଚ ଦିନର ପାଣିପାଗ ପୂର୍ବାନୁମାନ

| ପାଣିପାଗ କାରକ | ୨୧-୦୧-୨୦୨୬ | ୨୨-୦୧-୨୦୨୬ | ୨୩-୦୧-୨୦୨୬ | ୨୪-୦୧-୨୦୨୬ | ୨୫-୦୧-୨୦୨୬ |
|---|---|---|---|---|---|
| ବୃଷ୍ଟିପାତ (ମିଲି ମିଟର) | 0 | 0 | 0 | 0 | 0 |
| ସର୍ବାଧିକ ତାପମାତ୍ରା (° ସେଣ୍ଟିଗ୍ରେଡ) | 30 | 30 | 30 | 30 | 30 |
| ସର୍ବନିମ୍ନ ତାପମାତ୍ରା (° ସେଣ୍ଟିଗ୍ରେଡ) | 14 | 14 | 13 | 13 | 14 |
| ମେଘ ଆବରଣ(ଓକଟା) | 0 | 0 | 0 | 0 | 0 |
| ସର୍ବାଧିକ ଆପେକ୍ଷିକ ଆର୍ଦ୍ରତା (ଶତକଡା %) | 57 | 58 | 58 | 61 | 64 |
| ସର୍ବନିମ୍ନ ଆପେକ୍ଷିକ ଆର୍ଦ୍ରତା (ଶତକଡା %) | 19 | 21 | 24 | 23 | 22 |
| ପବନର ବେଗ (କିମି/ଘଣ୍ଟା ପ୍ରତି) | 3 | 4 | 4 | 4 | 5 |
| ପବନର ଦିଗ (ଡିଗ୍ରୀ) | 76 | 37 | 53 | 66 | 117 |

ଅଧିକ ଜାଣିବା ପାଇଁ, ଭାରତୀୟ ପାଣିପାଗ ବିଭାଗ, ଭୁବନେଶ୍ୱର, ଟେଲିଫୋନ# ୦୬୭୪-୨୫୯୬୧୧୬ରେ ଯୋଗାଯୋଗ କରନ୍ତୁ

## ପାଣିପାଗ ସାରାଂଶ/ସତର୍କ ସୂଚନା :

ଭାରତ ପାଣିପାଗ ବିଜ୍ଞାନ ବିଭାଗ, ମୌସମ ବିଜ୍ଞାନ କେନ୍ଦ୍ର, ଭୁବନେଶ୍ୱରର ମଧମ ଅବଧି ପୂର୍ବାନୁମାନ ଅନୁଯାୟୀ, ଆଗାମୀ ସପ୍ତାହରେ ବର୍ଷା ହେବାର ସମ୍ଭାବନା ନାହିଁ ଏବଂ ଏହି ସମୟ ଅବଧିରେ ଆକାଶ ସଫା ରହିପାରେ । ଆସନ୍ତା ସପ୍ତାହରେ ଉଭୟ ସର୍ବାଧିକ (ଦିନର) ଓ ସର୍ବନିମ୍ନ ତାପମାତ୍ରାରେ ବିଶେଷ କିଛି ପରିବର୍ତ୍ତନର ସମ୍ଭାବନା ନାହିଁ । ଆସନ୍ତା ୫ ଦିନ ମଧ୍ୟରେ ଆର୍ଦ୍ରତାର ସ୍ଥିତି ମଧମ ରହିବା ସହିତ ୩ ରୁ ୫ କି.ମି. ପ୍ରତି ଘଣ୍ଟା ବେଗରେ ଉତ୍ତର-ପୂର୍ବ ଓ ଦକ୍ଷିଣ-ପୂର୍ବ ଦିଗରୁ ପବନ ବହିବାର ସମ୍ଭାବନା ବନିପାରେ ।

## ସାଧାରଣ ଉପଦେଶ

- ପୂର୍ବ ସପ୍ତାହ ତୁଳନାରେ ଆଗାମୀ ସପ୍ତାହରେ ସର୍ବନିମ୍ନ ତାପମାତ୍ରାରେ ସାମାନ୍ୟ ବୃଦ୍ଧି ଆଶା କରାଯାଉଛି, ତେଣୁ ଚାଷୀମାନଙ୍କୁ ଉପଯୁକ୍ତ ଅଙ୍କୁରୀକରଣ ପାଇଁ ଏହି ସମୟ ମଧ୍ୟରେ ପନିପରିବା ବିହନ ବୁଣିବାକୁ ପରାମର୍ଶ ଦିଆଯାଉଛି ।
- ଆଗାମୀ ଦିନରେ ବର୍ଷା ହେବାର ସମ୍ଭାବନା କମ ଥିବାରୁ ଚାଷୀଭାଇମାନଙ୍କୁ ଠିଆ ଫସଲ କ୍ଷେତରେ ଗୋଟିଏ ଜଳସେଚନ ଯୋଗାଇବାର ବ୍ୟବସ୍ଥା କରିବାକୁ ପରାମର୍ଶ ଦିଆଯାଇଅଛି ।
- ଫଳ ଏବଂ ପନିପରିବା ଫସଲକୁ ଥଣ୍ଡାରୁ ରକ୍ଷା କରିବା ପାଇଁ, ଚାଷୀଭାଇମାନେ ପଲିଥିନ୍ କିମ୍ବା ନଡ଼ା ବା ପୁଆଳକୁ ଆବରଣ ସାମଗ୍ରୀ ଭାବରେ ବ୍ୟବହାର କରିପାରିବେ ଏବଂ ମାଟିକୁ ଓଦା ରଖିବାର ଉଚିତ ବ୍ୟବସ୍ଥା କରନ୍ତୁ ।
- ପଶୁମାନଙ୍କୁ ଥଣ୍ଡା ପାଗରୁ ରକ୍ଷା କରିବା ପାଇଁ ଉପଯୁକ୍ତ ବାୟୁଚଳନ ସୁବିଧା ସହିତ ଗୁହାଳ ଭିତରେ ରଖିବାର ବ୍ୟବସ୍ଥା କରିବାକୁ ତଥା ଖାଦ୍ୟରେ ପୁଷ୍ଟିସାର ଓ ଖଣିଜ ଲବଣର ମାତ୍ରା ବଢାଇବାକୁ ପରାମର୍ଶ ଦିଆଯାଇଅଛି ।

## ସଂକ୍ଷିପ୍ତ ଉପଦେଶ

- ଆଗାମୀ ଦିନରେ ସଫା ଓ ଶୁଷ୍କ ପାଗର ସ୍ଥିତିକୁ ଦୃଷ୍ଟିରେ ରଖି, ଚାଷୀମାନଙ୍କୁ ସେମାନଙ୍କର ପରିପକ୍ୱ ଫସଲ ଅମଳ କରିବାକୁ ଏବଂ ସଂରକ୍ଷଣ କରିବା ପୂର୍ବରୁ ଏହାକୁ ଭଲ ଭାବରେ ଖରାରେ ଶୁଖାଇବାକୁ ପରାମର୍ଶ ଦିଆଯାଇଅଛି ।

## ପାଣିପାଗ ଭିତ୍ତିକ କୃଷିଏବଂ ପଶୁପାଳନ  ଉପଦେଶ

| ଫସଲର ନାମ | ଫସଲ ଅବସ୍ଥା | କୃଷି ଏବଂ ପଶୁପାଳନ ପାଇଁ ପାଣିପାଗ ଭିତ୍ତିକ ପରାମର୍ଶ |
|---|---|---|
| ଡାଲୁଅ ଧାନ | ନର୍ସରୀରେ ଘାସ ପରିଚାଳନା | • ନର୍ସରୀରେ ଘାସ ନିୟନ୍ତ୍ରଣ କରିବା ପାଇଁ, ବୁଣିବାର ୩ ରୁ ୫ ଦିନ ପରେ ୮୦ ଗ୍ରାମ୍ ପାଇରାଜୋସଲଫ୍ୟୁରନ୍-ଇଥାଇଲ୍ ୧୦% ଡବ୍ଲୁ.ପି. କିମ୍ବା ବୁଣିବାର ୧୦ ରୁ ୧୨ ଦିନ ପରେ (କିମ୍ବା ଘାସର ୨ ରୁ ୩ ପତ୍ର ପର୍ଯ୍ୟାୟରେ) ୧୨୦ ମିଲି ବିସପିରିବ୍ୟାକ୍ ସୋଡିୟମ୍ ପ୍ରତି ଏକରକୁ ୧୨୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । |
| ସୋରିଷ | ଫୁଲ ଓ ଫଳ / ପରିପକ୍ୱ ଅବସ୍ଥା ଓ ଅମଳ | • ସୋରିଷ ଫସଲକୁ ଜଉ ପୋକର ଆକ୍ରମଣରୁ ରକ୍ଷା କରିବା ପାଇଁ ଚାଷୀଭାଇମାନେ ସଫା ପାଗକୁ ଦେଖି ପ୍ରତି ଲିଟର ପାଣିରେ ଏସିଟାମିପ୍ରିଡ୍ ୨୦ % ଏସ୍.ପି. @ ୦.୩ ରୁ ୦.୪ ଗ୍ରାମ (ପୋକ ଆକ୍ରମଣର ଗମ୍ଭୀରତା ଅନୁସାରେ) କିମ୍ବା ଡାଇମେଥୋଏଟ୍ ୩୦ ଇ.ସି. @ ୧.୫ ମିଲି କିମ୍ବା ଥିଆମେଥୋକ୍ସାମ ୨୫ ଡବ୍ଲୁ.ଜି. @ ୦.୩ ଗ୍ରାମ ପ୍ରତି ଲିଟର ପାଣିରେ ସିଞ୍ଚନ କରିପାରିବେ ।<br>• ସୋରିଷ ଫସଲରେ ଯେତେବେଳେ ଅଧିକାଂଶ ଫଳ (ପ୍ରାୟ ୭୫ ପ୍ରତିଶତ) ହଳଦିଆ ପଡ଼ିଯାଏ ଏବଂ ବିହନ ଟାଣ ହୋଇଯାଏ ସେତେବେଳେ ଫସଲକୁ ଅମଳ କରିନେବା ଉଚିତ । ଯେହେତୁ ଆଗକୁ ପାଗ ଶୁଷ୍କ ରହିବାର ସମ୍ଭାବନା ଅଛି ତେଣୁ ଚାଷୀମାନେ ପରିପକ୍ୱ ଫସଲର ଅମଳ କାର୍ଯ୍ୟ ଏହି ସମୟ ଅବଧିରେ କରିନିଅନ୍ତୁ ।<br>• ପବନ କିମ୍ବା ଅଧିକ ଖରା ଯୋଗୁଁ ବିହନ ଭାଙ୍ଗିଯିବାର ସମ୍ଭାବନା ରହିଥାଏ ତେଣୁ ବିହନ ନଷ୍ଟ ହେବା ହ୍ରାସ କରିବା ପାଇଁ ସକାଳ ସମୟରେ ଗଛଗୁଡ଼ିକୁ କାଟି ଦିଅନ୍ତୁ ଏବଂ କଟା ଫସଲକୁ ଖଳାରେ ୭ ରୁ ୧୦ ଦିନ ପାଇଁ ଭଲ ଭାବରେ ଶୁଖିବା ପାଇଁ ଗଦା କରନ୍ତୁ । ଠିକ୍ ଭାବରେ ଶୁଖିବା ପରେ, ଗଛରୁ ବିହନ ଅଲଗା କରିବା ପାଇଁ ଶୁଖିଲା ଫସଲକୁ ଝାଡ଼ି ଦିଅନ୍ତୁ । |
| କୋବି ଜାତୀୟ ପନିପରିବା (ବନ୍ଧା କୋବି, ଫୁଲ କୋବି ଇତ୍ୟାଦି) | ଅଂଗିୟ ଅବସ୍ଥା/ ପରିପକ୍ୱ ଅବସ୍ଥା | • କୋବିରେ ଲାଗୁଥିବା ଠିକିରିଆ (Diamond back moth) ପୋକର ଆକ୍ରମଣ ପ୍ରତି ନିୟମିତ ଭାବେ ଧ୍ୟାନ ଦିଅନ୍ତୁ । ଯଦି ପ୍ରକୋପ ଦେଖାଯାଏ ତେବେ ଏହାର ଦମନ ପାଇଁ ଆରମ୍ଭ ପର୍ଯ୍ୟାୟରେ ୫ ମି.ଲି. ନିମ୍ବ ତେଲକୁ ଗୋଟେ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । ତଥାପି ବି ଯଦି ଆକ୍ରମଣ ଜାରି ରୁହେ ତେବେ ଏହି କୀଟକୁ ନିୟନ୍ତ୍ରଣ କରିବା ପାଇଁ ସ୍ପିନୋସାଡ୍ ୪୫% ଏସ୍.ସି. @ ୦.୪ ମିଲି କିମ୍ବା ରାଇନୋକ୍ସିପିର @ ୦.୩ ମିଲି କିମ୍ବା ଇମାମେକ୍ଟିନ୍ ବେଞ୍ଜୋଏଟ୍ @ ୦.୪ ଗ୍ରାମ ପ୍ରତି ଲିଟର ପାଣିରେ ବ୍ୟବହାର କରିପାରିବେ ।<br>• ଫସଲକୁ ଥଣ୍ଡାରୁ ରକ୍ଷା କରିବା ପାଇଁ ପଲିଥିନ୍ କିମ୍ବା ପୁଆଳର ଆବରଣ ପ୍ରୟୋଗ କରିପାରିବେ କାରଣ ଏହା ଦ୍ବାରା ମାଟିର ଆର୍ଦ୍ରତା ଏବଂ ମାଟିର ତାପମାତ୍ରା ନିୟନ୍ତ୍ରିତ ରହିଥାଏ । ଥଣ୍ଡା ପାଗର ସ୍ଥିତିକୁ ଧ୍ୟାନରେ ରଖି, ଖେତରେ ନିୟମିତ ହାଲୁକା ଜଳସେଚନ କରିବାକୁ ପରାମର୍ଶ ଦିଆଯାଇଅଛି । |
| ଲଙ୍କା | ଅଂଗିୟ ଅବସ୍ଥା/ ଫୁଲ ଓ ଫଳ ଅବସ୍ଥା | • ଯଦି ଶୋଷକ କୀଟ ଆକ୍ରମଣ ଯୋଗୁଁ ପତ୍ର ମୋଚା ରୋଗ ଦେଖାଯାଏ, ତେବେ ଆକ୍ରମଣର ପ୍ରଥମ ପର୍ଯ୍ୟାୟରେ ଏକ ଲିଟର ପାଣିରେ ୫ ମିଲି ନିମ୍ବ ଆଧାରିତ କୀଟନାଶକ ମିଶ୍ରଣ କରି ସିଞ୍ଚନ କରନ୍ତୁ । ଯଦି ତଥାପି ମଧ୍ୟ ପ୍ରକୋପ ଲାଗି ରହେ, ତେବେ ୭ ରୁ ୧୦ ଦିନ ବ୍ୟବଧାନରେ ପ୍ରତି ଲିଟର ପାଣିରେ ସ୍ପିନୋସାଡ୍ ୪୫ % ଏସ୍.ସି. @ ୦.୪ ମିଲି କିମ୍ବା ଫିପ୍ରୋନିଲ୍ ୫ % ଏସ୍.ସି. @ ୨ ମିଲିକୁ ମିଶାଇ ସିଞ୍ଚନ କରନ୍ତୁ । |
| ଗୋରୁ ଗାଈ ଓ ମଇଷି | • ପଶୁମାନଙ୍କୁ ନିୟମିତ ଭାବରେ ଲୁଣ ସହିତ ଖଣିଜ ମିଶ୍ରଣ ପ୍ରଦାନ କରନ୍ତୁ ଏବଂ ଉତ୍ତମମାନର ଚାରା ସହିତ ସନ୍ତୁଳିତ ଖାଦ୍ୟ ଯୋଗାଇବା ନିଶ୍ଚିତ କରନ୍ତୁ ।<br>• ପଶୁମାନଙ୍କୁ ଥଣ୍ଡାରୁ ରକ୍ଷା କରିବା ପାଇଁ, ସେମାନଙ୍କୁ ରାତିରେ ଘର ଭିତରେ ରଖି ଶୁଖିଲା ବିଛଣା ଯୋଗାଇବା ଉଚିତ (ଯେପରିକି ଅଖା ବସ୍ତାରେ ପଶୁମାନଙ୍କୁ ଘୋଡ଼େଇବା ଏବଂ ଗୁହାଳରେ ତଳେ ପୁଆଳର ମୋଟା ପରସ୍ତ ବିଛାଇବା ଇତ୍ୟାଦି) ଏବଂ ଶରୀରର ଉତ୍ତାପ ସୃଷ୍ଟି କରିବା ପାଇଁ କମ ଥଣ୍ଡା ଥିବା ତାଜା ପାଣି ଏବଂ ଅତିରିକ୍ତ ଖାଦ୍ୟର ସୁବିଧା ସୁନିଶ୍ଚିତ କରାଯିବା ଉଚିତ । | |


| | |
|---|---|
| **Mrs. Jubuli Sahu**<br>**Junior Agrometeorologist,**<br>**AMFU, RRTTS, Chiplima** | **Dr. Sanjukta Mohapatra**<br>**ADR cum Nodal Officer**<br>**RRTTS, Chiplima** |

- କୃଷି ରେ ଉତ୍ତମ ଲାଭ ପାଇଁ, **OUAT KALINGA** ପ୍ରଡକ୍ଟସ (ବିହନ, ଚାରା ରୋପଣ ଓ କ୍ୟୁପିଏମ୍, ଟିସୁ କଲଚର ପ୍ଲାଣ୍ଟ, ଫଳ ଓ ପନିପରିବା, ମୂଲ୍ୟଯୁକ୍ତ ଉତ୍ପାଦ, ଫିଙ୍ଗରଲିଙ୍ଗ୍/ଇୟରଲିଙ୍ଗ୍, କୁକୁଡ଼ା ଛୁଆ, ମହୁମାଛି ଓ ସ୍ୱୋନ୍, ଜୈବ ସାର, ଜୈବ କୀଟନାଶକ, ଜିଆ ଏବଂ ଜିଆ ଖତ ଇତ୍ୟାଦି) ବ୍ୟବହାର କରନ୍ତୁ।
- ଭାରତ ପାଣିପାଗ ବିଭାଗର ପାଣିପାଗ ପୂର୍ବାନୁମାନ ଏବଂ ଓଡ଼ିଶା ସ୍ଥିତିର କୃଷି ପାଣିପାଗ ପରାମର୍ଶଦାତା ପାଇଁ ମେଘଦୂତ ମୋବାଇଲ ଆପ (https://play.gooogle.com/store/apps/details?id=com.aas.meghdoot) ତଥା ନିଜ ଅଞ୍ଚଳର ବିଜୁଳି କିମ୍ବା ବଜ୍ରପାତ ପୂର୍ବାନୁମାନ ପାଇଁ ଦାମିନୀ ଆପ (https://play.google.com/store/apps/details?id=com.lightening.live.damini) ଓ ସ୍ଥାନ ନିର୍ଧିଷ୍ଟ ପୂର୍ବାନୁମାନ ଏବଂ ଚେତାବନୀ ପାଇଁ ମୌସମ ଆପର ବ୍ୟବହାର କରିପାରିବେ।